# Akashvani, Sambalpur

# SAMBALPURI NEWS BULLETIN

## 12 June 2024- 6.47- 6.52 am.

*************************************************

ଓଡ଼ିଶା ନୂଆଁ ମୁଖ୍ୟମନ୍ତ୍ରୀ-ଶପଥ/ଆର୍‌ଏନ୍‌ୟୁ ସମ୍ବଲପୁର

ବିଜେପି ବିଧାୟକ୍ ଦଲର୍ ନେତା  ମୋହନ୍ ଚରଣ ମାଝୀ ଆଏଜ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେବେ । ଭୁବ୍‌ନେଶ୍ୱର୍‌ର ଜନ୍‌ତା ମଇଦାନ୍ ନ ହେବାର୍‌କେ ଥିବା ସ୍ୱତନ୍ତ୍ର ସମାରୋହ‌ଥି ରାଜ୍ୟପାଲ୍ ରଘୁବର୍ ଦାସ ଶ୍ରୀ ମାଝୀଙ୍କୁ ଶପଥ୍ ପାଠ କରାବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ସଞ୍ଜ୍‌ବେଲେ ମୋହନ୍ ମାଝୀଙ୍କର୍ ସହେତେ ବିଜେପିର୍ ଗୁଟେ ଦଲ୍ ରାଜ୍‌ଭବନ୍ ଯାଇଥିଲେ । ସେନ ରାଏଜେ ସର୍‌କାର୍ ଗଠନ୍ କର୍‌ବାର୍ ଲାଗି ମୋହନ୍ ମାଝୀ ରାଜ୍ୟପାଲ୍‌ଙ୍କର୍ ପାଖେ ଦାବି କରିଥିଲେ । ୭୮ ଝନ୍ ବିଧାୟକ୍ ଆଉ ୩ ଝନ୍ ସ୍ୱାଧୀନ୍ ବିଧାୟକ୍‌ଙ୍କର୍ ସହେତେ ମୋଟ୍ ୮୧ ଝନ୍ ବିଧାୟକଙ୍କର୍ ସମର୍ଥନ୍ ଥିବା ଗୁଟେ ସମର୍ଥନ୍ ପତ୍ର ଭିଲ୍ ରାଜ୍ୟପାଲ୍‌ଙ୍କୁ ଶ୍ରୀ ମାଝୀ ଦେଇଥିଲେ । ଇତାର୍‌ଉତ୍‌ରୁ

ରାଜ୍ୟପାଲ୍ ରଘୁବର୍ ଦାସ ଶ୍ରୀ ମାଝୀଙ୍କୁ ରାଏଜେ ସର୍କାର୍ ଗଠନ୍ କର୍ବାର୍ ଲାଗି ନିମନ୍ତ୍ରଣ୍ କରିଥିଲେ । ଇ ସମିଆଥି କେନ୍ଦ୍ରମନ୍ତ୍ରୀ ରାଜନାଥ୍ ସିଂ, ଧର୍ମେନ୍ଦ୍ର ପ୍ରଧାନ୍, ଅଶ୍ୱିନୀ ବୈଷ୍ଣବ୍ ଆଉ ଭୂପେନ୍ଦର୍ ଯାଦବ୍ ଙ୍କର୍ ସହେତେ ଅଲ୍‌ଗା ନେତାମାନେ ଉପସ୍ଥିତ୍ ଥିଲେ । ଇତାର୍‌ସହେତେ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ୍ ନେବାର୍‌କେ ଥିବା କନକ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଭିଲ୍ ସେନ ଥିଲେ ।

ପ୍ରଧାନ୍‌ମନ୍ତ୍ରୀ- ଭୁବ୍‌ନେଶ୍ୱର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ନ ହେବାର୍‌କେ ଥିବା ରାଜ୍ୟର୍ ନୂଆଁ ସର୍କାର୍‌ର ଶପଥ୍ ଗ୍ରହଣ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ବିଜେପି ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆଉ କେନ୍ଦ୍ରେମନ୍ତ୍ରୀମାନେ ଯୋଗ୍ ଦେବେ । ଶପଥ୍ ଗ୍ରହଣ୍ ଉତ୍ସବ୍‌ଥି ସାମିଲ୍ ହେବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଦୁଇପହରର୍ ୨ ବଜେ ଭୁବ୍‌ନେଶ୍ୱର୍ ନ ପୁହୁଁଚିବେ । ବିମାନ୍ ବନ୍ଦର୍ ନୁ ସେ ସିଧା ରାଜଭବନ୍ ଯିବେ । ସେନ ୨ ଘଂଟା ରହେବାର୍ ଉତ୍‌ରୁ ସାଢ଼େ ୪ ବଜେ ଜନତା ମଇଦାନ୍‌କେ ଯିବେ । ଶପଥ୍ ଉତ୍ସବ୍ ଲାଗି ଜନତା ମଇଦାନ୍ ନ ପ୍ରସ୍ତୁତି ଶେଷ୍

ହେଇଛେ । ସୁରକ୍ଷା ବ୍ୟବସ୍ଥାଥି ୬୭ ପ୍ଲାଟୁନ୍ ଫୋର୍ସ ମୁତୟନ୍ ହେଇଛେ । ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ରାଜଭବନ୍, ରାଜଭବନ୍‌ନୁ ଜୟଦେବ୍ ବିହାର୍ ଦେଇକରି ଜନତା ମଇଦାନ୍ ରାସ୍ତାକେ ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷ୍‌ନା କରାଯାଇଛେ ।

ମୁଖ୍ୟମନ୍ତ୍ରୀ ଶପଥ୍ ଗ୍ରହଣ- ସୁରକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ରାଜ୍‌ଧାନୀ ନ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ । ପୁଲିସ୍ କମିଶନର୍ ସଞ୍ଜିବ୍ ପଣ୍ଡା କହିଛନ୍ ଯେ, ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ସମାରୋହ ଆଏଜ୍ ଦୁଇପହରର୍ ୨ ବଜେନୁ ସଞ୍ଜ୍‌ବେଲର୍ ୭ ବଜେତକ୍ ନାହେତ ଶପଥ୍ ସମାରୋହ ସର୍‌ବାର୍‌ତକ୍ ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ ଇଲାକା ନ ଗାଡ଼ିମଟର୍ ଚଲାଚଲ୍‌ଥି କଟ୍‌କନା ଜାରି ରହେବା ।

ରାଜ୍‌ଧାନୀ - ଅଧା ଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ନୂଆଁ ସର୍‌କାର୍ ମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରିମଣ୍ଡଲ୍‌ର ସଦସ୍ୟମାନ୍‌କର୍ ଶପଥ୍ ଗ୍ରହଣ୍ ଉତ୍ସବ୍ ଲାଗି ଆଏଜ୍ ଭୁବ୍‌ନେଶ୍ୱର୍ ନ ଅଧାଛୁଟି ଘୋଷ୍‌ନା କରାଯାଇଛେ । ମଏଧାନର୍ ୧ ବଜେ

ଉତ୍‌ରୁ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଇଲାକାର୍ ସବୁ ସର୍‌କାରୀ କାର୍ଯ୍ୟାଲୟ ବନ୍ଦ୍ ରହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ଶୀତଲ୍‌ଷଷ୍ଠୀ ସମ୍ବଲପୁର୍ ସମ୍ବାଦଦାତା

ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ସମ୍ବଲ୍‌ପୁର୍ ସହର୍ ଉତ୍ସବ୍ ମୁଖର୍ ହେଇଛେ । ଲୋକାଚାର୍‌ଥି ବିହାଘର୍ ଉତ୍‌ରୁ ସମ୍ବଲପୁର୍ ସହରେ ଗଲାକାଏଲ୍ ଅଧାରାତି ନୁ ଦେବ ଦେବ ମହାଦେବ ଆର୍ ଦେବୀ ପାର୍ବତୀ- ପାର୍ଶ୍ୱଦେବାଦେବୀଙ୍କର୍ ସହେତେ ଶୀତଲ୍‌ଷଷ୍ଠୀ ଯାତ୍ରା ଆର୍ ନଗର୍ ପରିକ୍ରମାଥି ବାହାରିଛନ୍ । ସୁନ୍ଦର୍ ଶୈଲୀଥି ସଜାଯାଇଥିବା ମେଢ଼୍ ମାନ୍‌କେ ରୂପା, ସୁନାର୍ ଅଲଙ୍କାର୍ ପିନ୍ଧିଥିବା ଦେବଦମ୍ପତିଙ୍କର୍ ଦର୍ଶନ୍ କର୍‌ବାର୍ ଲାଗି ବହୁତ୍‌ଟେ ଭକ୍ତଙ୍କର୍ ସମାଗମ ହେଇଛେ । ଆଏଜ୍ ସଖାଲେ ବାଟ୍ ରହଣୀ ଆର୍ ପାରମ୍ପାରିକ୍ ପୂଜା ଉତ୍‌ରୁ ଆଉ କିଛି ସମିଆ ଗଲେ ଫେର୍ ନଗର୍ ପରିକ୍ରମା ଚାଲ୍‌ବା । ନନ୍ଦପଡ଼ାର୍ ବମ୍‌ବରାଡ଼୍ ବାଲୁଙ୍କେଶ୍ୱର୍ ବାବା, ଝାଡୁଆପଡ଼ାର୍ ଲୋକନାଥ ବାବା, ମୁଦିପଡ଼ାର୍ ଜାଗେଶ୍ୱର୍ ବାବା, ବଡ଼ବଜାରର୍ ଶୀତଲେଶ୍ୱର୍ ବାବା, ଠାକୁରପଡ଼ାର୍ ଗୁପ୍ତେଶ୍ୱର୍ ବାବା, ବୁଢ଼ାରଜାର କୋଶଲେଶ୍ୱର ବାବା, ସାକ୍ଷୀପଡ଼ାର୍ ଓମ୍‌କାରେଶ୍ୱର୍ ବାବା

ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ସାଙ୍ଗେ ସୁସଜ୍ଜିତ ରଥଥି ନଗର ପରିକ୍ରମାଥି ବାହାରିଛନ୍ ।

ଇ ନଗର୍ ପରିକ୍ରମା ଯାତ୍ରାଥି ପାରମ୍ପରିକ୍ ଦୁଲ୍‌ଦୁଲି, ମେଲୋଡ଼ି ଦୁଲ୍‌ଦୁଲି, ଶବର ନୃତ୍ୟ, ଆନ୍ଧ୍ରା ବାଘ ନୃତ୍ୟ, ବାଡ଼ି ନ୍ୟତ୍ୟ, ଘୁମୁରା ନୃତ୍ୟ, କାନ୍ତାର ନୃତ୍ୟ, କଲିକତା, ଆସାମ୍, ରାୟପୁର୍ ନୁ ଆସିଥିବା ଆଧୁନିକ ନୃତ୍ୟ, ଅଘୋରୀ ନୃତ୍ୟ, ନାସିକ୍ ଢୋଲ୍, କେରଳ, ଘଂଟ୍ ବାଦ୍ୟ, ଡିଜିଟାଲ୍ ଲାଇଟ୍, ସମ୍ପର୍ଦା ସାମିଲ୍ ହେଇଛନ୍ ।

ସେନ୍ତା ରାମଲଲା, ନରସିଂହ, କୁଂଫୁ ପାଣ୍ଡା, ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ବେଶ, ବାଲିର ନାରାୟଣ ଆଉ ବହୁତ୍‌ଟେ ପ୍ରଜ୍ଞାପନ ମେଢ଼ ସାମିଲ୍ ରହିଛେ । ମୁଦିପଡ଼ା ଯାତ୍ରା କମିଟିଥି ଶ୍ରୀଲଙ୍କାର୍ ଗୁଟେ ସାଂସ୍କୃତିକ ଦଲ୍ ଆସିକରି ଲୋକନୃତ୍ୟ ପରିବେଷଣ୍ କରୁଛନ୍ ।

ପାଗ୍ ଟିକେ ବଦ୍‌ଲିଥିବାର୍‌ନୁ ଆଏଜ୍ ଲୁକ୍‌କର୍ ଗହଲି ବଢ଼ିଛେ । ଉପର୍‌ବେଲା ଦେବଦମ୍ପତିଙ୍କର୍ ମନ୍ଦିର୍ ପ୍ରବେଶ୍ ହେବାର୍‌ତକ୍ ଯାତ୍ରା ଚାଲ୍‌ବା । ମହାଆଲ୍‌ତୀ ଉତ୍‌ରୁ ଦେବଦମ୍ପତି ମନ୍ଦିର୍ ପ୍ରବେଶ୍ କର୍‌ବେ । ହେନ୍ତା ବାଲିବନ୍ଧାର୍ ସୋମ୍‌ନାଥ୍ ଆର୍ ମ୍ୟୁନିସିପାଲ୍‌ଟି ଛକ୍‌ର ଗୁପ୍ତେଶ୍ୱର୍ ମହାଦେବ୍ -ପାର୍ବତୀଙ୍କୁ ସହେତେ ମନ୍ଦିର୍ ବାଟେ ଭକ୍ତମାନେ ଦର୍ଶନ୍ କରୁଛନ୍ ।

ଶାନ୍ତିଶୃଙ୍ଖଲା ଲାଗି ସହରର୍ ଭିନ୍ ଭିନ୍ ଜାଗା ନ ୬୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ଶୀତଲଷଷ୍ଠୀ- ଆକାଶ୍‌ବାଣୀ ଧାରା ବିବରଣୀ/ଆର୍‌ଏନ୍‌ୟୁ ସମ୍ବଲପୁର୍

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ତର୍‌ଫୁ ଆଏଜ୍ ସଖାଲେ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଚାର୍ କରାଯିବା । ଇ ଧାରା ବିବରଣୀ ସକାଲର୍ ସାଢ଼େ ୯ ବଜେନୁ ୧ ବାଜିକରି ୫୦ ମିନିଟ୍‌ତକ୍ ପ୍ରସାରଣ୍ କରାଯିବା । ଇଟାକେ ଆକାଶ୍‌ବାଣୀ ବଲାଙ୍ଗିର୍, ଭବାନୀପାଟ୍‌ନା ଆର୍ ରାଉର୍‌କେଲା କେନ୍ଦ୍ର ଏକାସାଙ୍ଗେ ରିଲେ କର୍‌ବେ । ଇତାର୍‌ସହେତେ ଯାତ୍ରାର୍ ବିବରଣୀ ଦୂର୍‌ଦର୍ଶନ୍ କେନ୍ଦ୍ର ତର୍‌ଫୁ ଭିଲ୍ ପ୍ରସାରଣ୍ କରାଯିବାର୍ ବ୍ୟବସ୍ଥା କରାଯାଇଛେ ।

ସାମୂହିକ ଔଷଧ ସେବନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ନ ମେଲେରିଆ, ଡେଙ୍ଗୁ ଆଉ ଫାଇଲେରିଆର ପ୍ରତିକାର୍ ଲାଗି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ୍ ବାବ୍‌ଦେ ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍ ଅଗ୍ରୱାଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ

ବୈଠକ୍ ହେଇଯାଇଛେ । ଆଏବା ଅଗଷ୍ଟ ମାସର୍ ୧୦ ତାରିଖ୍‌ନୁ ୧୯ ତାରିଖ୍ ଭିତ୍‌ରେ ସମ୍ବଲ୍‌ପୁର୍ ଜିଲ୍ଲା ନ ସାମୂହିକ ଔଷଧ ସେବନ୍ କାର୍ଯ୍ୟକ୍ରମ୍ କରାଯିବା । ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବାର୍ ସହେତେ ଘର୍‌କେ ଘର୍ ଯାଇକରି ଉଷୋ ଦିଆଯିବା । ଇତାର୍‌ସହେତେ ଡେଙ୍ଗୁ ଆଉ ମେଲେରିଆ ବିରୋଧୀ ଅଭିଯାନ୍‌କେ ଆହୁରି ଜବର୍ କର୍‌ବାର୍ ଲାଗି ମଶା ନିବାରଣ୍ ଉପ୍‌ରେ ଜିଲ୍ଲାପାଳ୍ ବୈଠକ୍‌ଥି ଜୋର୍ ଦେଇଥିଲେ ।